RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -229 | ସଂଖ୍ୟା-୨୨୯
ଭୁବନେଶ୍ୱର, ଶୁକ୍ରବାର ୨୮ ନଭେମ୍ବର ୨୦୨୫
Bhubaneswar, Friday 28 November, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଇତିହାସ ରଚିଲା ଓଡ଼ିଶା ବିଧାନସଭା

## ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କଲେ ରାଷ୍ଟ୍ରପତି



**ଭୁବନେଶ୍ୱର, ୨୭।୧୧ (ନି.ପ୍ର):** ଆଜି ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଭୁବନେଶ୍ୱରଠାରେ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିଛନ୍ତି।

ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିବା ସମୟରେ ଗୃହ ସହ ଜଡ଼ିତ ନିଜ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ। ସେ କହିଥିଲେ, ମା'ଟି ମୋର କେତେ ନିଜର। ବିଶ୍ୱର ଅନେକ ଗୃହରେ ସମ୍ବୋଧନ କରିବାର ସୁଯୋଗ ପାଇଛି। କିନ୍ତୁ ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବାର ସ୍ମୃତି ଟିକିଏ ନିଆରା। ଏଠାରୁ ମୁଁ କଥା କହିବା ଶିଖିଛି। ରାଜନେତା ହିସାବରେ ଲୋକଙ୍କୁ କେମିତି ବ୍ୟବାର କରିବା ଓ ପ୍ରସଙ୍ଗ ଉପସ୍ଥାପନ କରିବା, ତାହା ଓଡ଼ିଶା ବିଧାନସଭା ମୋତେ ଶିଖାଇଛି। ଓଡ଼ିଶା ବିଧାନସଭା ମୋର ଫାଉଣ୍ଡେସନକୁ ସୁଦୃଢ଼ କରିଛି। ଜଗନ୍ନାଥଙ୍କର ଆଶୀର୍ବାଦ ନଥିଲେ, ମୁଁ ଯେଉଁଠି ଅଛି, ବୋଧେ ନଥାନ୍ତି। ଓଡ଼ିଶା ବିଧାନସଭାରେ ଆଜି ବିଧାୟକ, ଅଧିକାରୀ ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି।

ସପ୍ତଦଶ ବିଧାନସଭାର ୫ମ ଅଧିବେଶନକୁ ସମ୍ବୋଧିତ କରି

### ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଗଢ଼ିବାରେ ଓଡ଼ିଶାର ଅବଦାନ ସର୍ବୋତ୍ତମ ହେବ : ରାଷ୍ଟ୍ରପତି ମୁର୍ମୁ

ରାଷ୍ଟ୍ରପତି ଗୁରୁବାର କହିଛନ୍ତି, ଅତୀତରେ ମୁଁ ଏହି ଗୃହରେ ବସିବାର ସୁଯୋଗ ପାଇଥିଲି। ଅନେକ ବର୍ଷ ପରେ ପୁଣି ଥରେ କହିବାର ସୁଯୋଗ ପାଇଛି। ଏଠାରେ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଥିବା ବେଳେ ବିଧାୟକମାନଙ୍କର ପ୍ରଶ୍ନ ଉତ୍ତର ଦେଇଛି। ଅନେକ ଲୋକଙ୍କର ସହିତ କାମ କରିବାର ସୁଯୋଗ ପାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଏଠାରେ ୨୦୦୦ ମସିହାରେ ଏକାଠି ବସିବାର ସୁଯୋଗ ପାଇଥିଲି। ଜୁଏଲ ଓରାମ ଏବଂ ପୂର୍ବତନ ବିଧାୟକଙ୍କ ସହିତ ଏକାଠି ହେବାର ସୁଯୋଗ ପାଇଛି।

ରାଷ୍ଟ୍ରପତି କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଭୂମି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ ହେବାର ସାକ୍ଷୀ ଥିଲା। ସେ ଆହୁରି ମଧ୍ୟ କହିଥିଲେ, ବିଦେଶୀ ଶାସନ ବିରୁଦ୍ଧରେ ଲଢ଼ି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶାରେ ମହିଳା ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହିଛି। ଏହା ଗର୍ବର ବିଷୟ ଯେ ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଏକ ଲମ୍ବା ଇତିହାସ ରହିଛି। ସ୍ୱାଧୀନତା ପୂର୍ବରୁ ଏବଂ ପରେ, ଓଡ଼ିଶାରେ ମହିଳା ପ୍ରତିନିଧିତ୍ୱ ବିନା କୌଣସି ବିଧାନସଭା ହୋଇନାହିଁ। ଓଡ଼ିଶାର ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଥିଲେ।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ବିଧାନସଭା ଅନେକ ଜନ କଲ୍ୟାଣକାରୀ ଆଇନ ପାରିତ କରିଛି। ସପ୍ତଦଶ ବିଧାନସଭା ବହୁତ କମ ସମୟ ମଧ୍ୟରେ ଅନେକ ଫଳପ୍ରଦ ବୈଠକ ସମ୍ପାଦନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏହି ବିଧାନସଭାରେ ଆଲୋଚନାର ଏକ ସୁସ୍ଥ ପରମ୍ପରା ରହିଛି ବୋଲି ସେ ସୂଚାଇଥିଲେ।



ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଓଡ଼ିଶା ଦ୍ରୁତ ପ୍ରଗତି କରୁଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆ ଗୋଷ୍ଠୀର ବିକାଶ, ଗୃହ ନିର୍ମାଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ଓଡ଼ିଶା ସରକାରଙ୍କ ପ୍ରଶଂସା କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ଏକ ନୂତନ ରୂପ ନେଉଛି ବୋଲି ସେ ଖୁସି ପ୍ରକାଶ କରିଥିଲେ।

ରାଷ୍ଟ୍ରପତି କହିଥିଲେ, ପ୍ରକୃତି ଓଡ଼ିଶାକୁ ସମସ୍ତ ପ୍ରକାରର ଦାନ ଦେଇ ଆଶୀର୍ବାଦ କରିଛି। ଏହି ରାଜ୍ୟ ପ୍ରଚୁର ଖଣିଜ ଭଣ୍ଡାର, ଜଙ୍ଗଲ ଏବଂ ଜଳସମ୍ପଦ ସହିତ ମାନବ ସମ୍ବଳରେ ଆଶୀର୍ବାଦପ୍ରାପ୍ତ। ଓଡ଼ିଶାର ପରିବେଶ କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଅତ୍ୟନ୍ତ ଅନୁକୂଳ। ଏହି ସମସ୍ତ ସୁବିଧାର ଉପଯୋଗ କରି ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯାଇପାରିବ।

ରାଷ୍ଟ୍ରପତି କହିଥିଲେ, ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରାଯିବ। ଯଦି ସମସ୍ତ ଅଂଶୀଦାରମାନେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକାଠି କାମ କରିପାରିବେ, ତେବେ ଏହା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାରେ ଓଡ଼ିଶାର ସର୍ବୋତ୍ତମ ଅବଦାନ ହେବ। ସମସ୍ତେ 'ପ୍ରଥମେ ରାଷ୍ଟ୍ର' ମନୋଭାବ ସହିତ କାମ କରିବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।

ରାଷ୍ଟ୍ରପତି କହିଥିଲେ, ବିଧାୟକ ମାନେ ହେଉଛନ୍ତି ଜନପ୍ରତିନିଧି। ଓଡ଼ିଶାର ଲୋକଙ୍କର ସେମାନଙ୍କ ଉପରେ ଅପାର ଆଶା ଓ ବିଶ୍ୱାସ ରହିଛି ଏବଂ ସେମାନେ ସେମାନଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛନ୍ତି। ନାଗରିକଙ୍କ ଆଶା ପୂରଣ କରିବା, ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତ ବିଧାୟକଙ୍କ କର୍ତ୍ତବ୍ୟ।

ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ପ୍ରଯୁକ୍ତିର ଯୁଗରେ ଜନପ୍ରତିନିଧି ଭାବରେ, ବିଧାୟକମାନଙ୍କର ଅନେକ ପ୍ରଶଂସକ ଏବଂ ଅନୁଗାମୀ ଅଛନ୍ତି। ସେମାନେ କ'ଣ କୁହନ୍ତି ଏବଂ କ'ଣ କରନ୍ତି ତାହା ଜାଣିବାକୁ ସେମାନେ ଆଗ୍ରହୀ। ସେମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ଅମୂଲ୍ୟ। ବିଧାୟକମାନେ ଗୃହ ଭିତରେ ଏବଂ ବାହାରେ କ'ଣ କୁହନ୍ତି ଏବଂ କିପରି କୁହନ୍ତି, ତାହା ସମସ୍ତଙ୍କୁ ଜଣା। ସେମାନଙ୍କର ଆଚରଣ ଏବଂ ଉଚ୍ଚାରଣ ଏପରି ହେବା ଉଚିତ ଯାହାଦ୍ୱାରା ସେମାନଙ୍କୁ ଅନୁସରଣ କରି ସେମାନଙ୍କ ପ୍ରଶଂସକ ଏବଂ ଅନୁଗାମୀମାନେ ସମାଜ ଓ ରାଜ୍ୟ ଗଠନରେ ସାହାଯ୍ୟ କରିପାରିବେ ବୋଲି ରାଷ୍ଟ୍ରପତି କହିଥିଲେ।

## ଦେଶର ପ୍ରଥମ ଘରୋଇ ରକେଟ୍ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୨୭।୧୧ (ନି.ପ୍ର) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ପ୍ରଥମ ଘରୋଇ ରକେଟ ବିକ୍ରମ-୧ ଉନ୍ମୋଚନ କରିଛନ୍ତି। ମୋଦୀ ହାଇଦ୍ରାବାଦରେ ସ୍କାଏରୁଟ୍ ଏରୋସ୍ପେସର ଇନଫିନିଟି କ୍ୟାମ୍ପସ୍ ଉଦଘାଟନ କରିଛନ୍ତି ଏବଂ ବିକ୍ରମ-୧ ଉନ୍ମୋଚନ କରିଛନ୍ତି। ଏହା ଭାରତର ପ୍ରଥମ ଘରୋଇ ରକେଟ ଯାହା କକ୍ଷପଥରେ ଉପଗ୍ରହ ସ୍ଥାପନ କରିବାରେ ସକ୍ଷମ ହେବ।

ଅତ୍ୟାଧୁନିକ ସୁବିଧା ସହିତ କ୍ୟାମ୍ପସଟି ୨୦୦,୦୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ। ଏଥିରେ ଏକାଧିକ ପ୍ରକ୍ଷେପଣ ଯାନର ଶେଷ-ରୁ-ଶେଷ ବିକାଶ, ସମନ୍ୱୟ ଏବଂ ପରୀକ୍ଷଣ ପାଇଁ ଡିଜାଇନ୍ କରାଯାଇଛି, ଯାହା ପ୍ରତି ମାସରେ ଗୋଟିଏ କକ୍ଷପଥ ରକେଟ୍ ଉତ୍ପାଦନ କରିବାର କ୍ଷମତା ରଖିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଭର୍ଚୁଆଲ୍ ରେ ଯୋଗ ଦେଇ ଉଦଘାଟନ କରିବା ସହ ସମ୍ବୋଧିତ କରିଥିଲେ। ମୋଦୀ, ଦଶନ୍ଧି ଧରି ଭାରତର ମହାକାଶ ଯାତ୍ରାକୁ ଶକ୍ତିଶାଳୀ କରିବା ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଏହାର ବିଶ୍ୱସନୀୟତା, କ୍ଷମତା ଏବଂ ଏକ ସ୍ୱତନ୍ତ୍ରତା ବିଶ୍ୱରେ ପରିଚୟ ସୃଷ୍ଟିକରିଛି ।

## ଡେଷ୍ଟିନେସନ୍ ହେବ ଦେବ୍ରିଗଡ଼ ଅଭୟାରଣ୍ୟ
## ୭୧ କୋଟି ଟଙ୍କା ବ୍ୟୟରେ ଆନ୍ତର୍ଜାତୀୟ ଇକୋଟୁରିଜିମ୍

**ଭୁବନେଶ୍ୱର,୨୭।୧୧ (ନି.ପ୍ର):** ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଆନ୍ତର୍ଜାତୀୟ ଇକୋଟୁରିଜିମ୍ ଡେଷ୍ଟିନେସନ୍ ଭାବରେ ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହି ନିଷ୍ପତ୍ତି ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହିତ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଏହି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ।

ଅପରପକ୍ଷରେ ସୂଚନାନୁସାରେ, ଅଭୟାରଣ୍ୟର ପ୍ରାୟ ୧୦୦ କିଲୋମିଟର ପରିସୀମା ଚାରିପାଖରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି। ଏହି ବାଡ଼ ନିର୍ମାଣ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ହ୍ରାସ ହୋଇପାରିବ। ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ଦେବ୍ରିଗଡ଼ରେ ଇକୋଟୁରିଜିମ୍ ଭିତ୍ତିଭୂମିର ବିକାଶ କରିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ବଳିଷ୍ଠ କରିବ।

## ୩୬ ବରିଷ୍ଠ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**କଟକ, ୨୭।୧୧ (ନି.ପ୍ର) :** କଟକ ପ୍ରଶାସନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖପ୍ପାକୁ ନେଇ ଦରମା ବନ୍ଦ ପ୍ରସଙ୍ଗ। ସାନି ସଂଶୋଧନ ତାଲିକା ଜାରି କରିଛି କଟକ ଜିଲ୍ଲା ପ୍ରଶାସନ। ୯୧ ଜଣଙ୍କ ସ୍ଥାନରେ ପ୍ରଶାସନ ୩୬ ଜଣଙ୍କ ବନ୍ଦ କରିଛି। ବରିଷ୍ଠ ପାହ୍ୟା ଅଧିକାରୀମାନେ ପୂର୍ବ ତାଲିକାରୁ ବାଦ୍ ପଡିଛନ୍ତି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସୂଚନା ଦେଇଛନ୍ତି। କଟକ ପ୍ରଶାସନ ଉପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଖପ୍ପା ରହିଛି। ଅଭିଯୋଗ ସମାଧାନ କ୍ଷେତ୍ରରେ କଟକ ସବୁଠୁ ପଛରେ ରହିଛି। ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ସତ୍ୱେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉନି। ଯାହାକୁ ନେଇ ୩୬ ଜଣଙ୍କ ନଭେମ୍ବର ମାସର ଦରମା ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଏକାଧିକ ବିବାହ କଲେ ୧୦ ବର୍ଷ ଜେଲ୍

**ଆସାମ, ୨୭।୧୧ (ନି.ପ୍ର):** ଆସାମ ବିଧାନସଭାରେ ବହୁବିବାହ ନିଷେଧ କରିବା ପାଇଁ ଏକ ବିଲ୍ ପାସ୍ ହୋଇଛି। ଏହି ଆଇନ ଅନୁଯାୟୀ, ଦୋଷୀ ସାବ୍ୟସ୍ତ ହୋଇଥିବା ଯେକୌଣସି ବ୍ୟକ୍ତିଙ୍କୁ ଏକ ଫୌଜଦାରୀ ଅପରାଧ ବୋଲି ବିବେଚନା କରାଯିବ ଏବଂ କିଛି ବ୍ୟତିକ୍ରମ ସହିତ, ସର୍ବାଧିକ ୧୦ ବର୍ଷ ଜେଲ୍ ଦଣ୍ଡ ହୋଇପାରେ। ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାର ବ୍ୟବସ୍ଥା ମଧ୍ୟ ଅଛି। ବିଲ୍ ଅନୁସୂଚିତ ଜନଜାତି ବର୍ଗ ଏବଂ ଷଷ୍ଠ ଅନୁସୂଚୀ ଅଧୀନରେ ଥିବା ଅଞ୍ଚଳଗୁଡ଼ିକୁ ବାଦ ଦେଇଛି। ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫ ପାସ୍ ହେବା ସମୟରେ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଥିଲେ ଯେ ଏହା ଇସଲାମ ବିରୋଧୀ ନୁହେଁ, ଯେପରି କିଛି ବର୍ଗ ବିଶ୍ୱାସ କରନ୍ତି।

## ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦଘାଟନ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୭।୧୧ (ନି.ପ୍ର) :** ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତରରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ଭୁବନେଶ୍ୱରର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ଏବଂ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନେକ ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ।



ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତର ପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ। କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶନ କରେ। ପ୍ରତ୍ୟେକ କୋଠରୀକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବରେ ଡିଜାଇନ୍ କରାଯାଇଛି।

କଳିଙ୍ଗ ଅତିଥି ଭବନର ଉଦଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ଗର୍ବର ମୁହୂର୍ତ୍ତ କାରଣ ଏହି ମର୍ଯ୍ୟାଦାଜନକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ନିଜେ ରାଷ୍ଟ୍ରପତି କରିଥିଲେ।

## ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ଗୋଲ୍ଡ ମେଡାଲ

**ଭୁବନେଶ୍ୱର,୨୭।୧୧:** ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଗୋଲ୍ଡ ମେଡାଲ୍ ହାସଲ କରିଛି। ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ (ITPO) ତରଫରୁ ଏହି ପୁରସ୍କାର ଆଜି ପ୍ରଦାନ କରାଯାଇଛି।



ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ପ୍ରକାଶ କରିବା ସହିତ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦା ବୃଦ୍ଧି କରିବା ଦିଗରେ ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା। ମୋଟ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ସାମଗ୍ରୀକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଏହି ସଫଳତା ପାଇଛି। ଏହା କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ଓଡ଼ିଶା ଏହି ପୁରସ୍କାର ହାସଲ କରିଥିବା ବେଳେ ଏହାକୁ ମିଶାଇ ଦୁଇ ଥର ଗୋଲ୍ଡ ମେଡାଲ୍ ପାଇଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ଟି ଷ୍ଟଲ ସ୍ଥାନୀତ ହୋଇଥିଲା। ଏହି ପ୍ରଦର୍ଶନୀ ମାଧ୍ୟମରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ଏବଂ ଏକ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟ ଉପସ୍ଥାପିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମାଝୀ ଗତ ୨୨ ତାରିଖରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ଅବସରରେ ଓଡ଼ିଶା ମଣ୍ଡପ ବୁଲି ଦେଖି ଓଡ଼ିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ।

## ଶିଳ୍ପସଂସ୍ଥା ଉପରେ ୫୮୯୦କୋଟି ଟଙ୍କାର ଜଳକର ବାକି

**ଭୁବନେଶ୍ୱର, ୨୭।୧୧ (ନି.ପ୍ର):** ରାଜ୍ୟରେ ଶିଳ୍ପସଂସ୍ଥାଗୁଡ଼ିକ ଦ୍ୱାରା ଜଳ ଉପଯୋଗ ଓ ପରିଚାଳନାଗତ ଅବ୍ୟବସ୍ଥାର ନଗ୍ନଚିତ୍ର ପଦାରେ ପଡ଼ିଛି। ରାଜ୍ୟରେ ବାର୍ଷିକ ଆଦାୟ ହେଉଥିବା ଜଳକର ତୁଳନାରେ ପ୍ରାୟ ୭ଗୁଣ ଅଧିକ (ଜଳକର) ବକେୟା ପଡ଼ିଛି। ଶିଳ୍ପସଂସ୍ଥାଗୁଡ଼ିକ ବିଭିନ୍ନ ନଦୀରୁ ନିୟମିତ ଭାବେ ଜଳ ନେଉଥିଲେ ମଧ୍ୟ ଜଳକର ପୈଠ କରିବାରେ ଉତ୍ତରଦାୟିତ୍ୱ ନଥିବା ଜଳଜଳ ହୋଇ ଦିଶୁଛି । କେବଳ ଘରୋଇ ଶିଳ୍ପ ସଂସ୍ଥା ନୁହେଁ ସରକାରଙ୍କ ମାଲିକାନାରେ ଥିବା ଶିଳ୍ପ ସଂସ୍ଥା ମଧ୍ୟ ଏହି ଜଳକର ଖିଲାପୀ ତାଲିକାରେ ରହିଛନ୍ତି। ରାଜ୍ୟ ଜଳସମ୍ପଦ ବିଭାଗର ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଦେଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରୁ ଏହା ଜଣାପଡ଼ିଛି ।ବାର୍ଷିକ ଜଳକର ତୁଳନାରେ ବକେୟା ୭ଗୁଣ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଧାନସଭାରେ ବିଧାୟକ ପବିତ୍ର ସାଉଁନ୍ତାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୨୫ ମସିହା ମାର୍ଚ୍ଚ ସୁଦ୍ଧାର ତଥ୍ୟ ଅନୁସାରେ ରାଜ୍ୟ ସରକାର ୧୨୨ ଗୋଟି ଶିଳ୍ପ ସଂସ୍ଥାଠାରୁ ବାର୍ଷିକ ମୋଟ ୮୬୦.୯୭୯ କୋଟି ଟଙ୍କା ଜଳକର ଭାବେ ପାଇଥାନ୍ତି । ତେବେ ରାଜ୍ୟର ମୋଟ ୫୭ ଗୋଟି ଶିଳ୍ପସଂସ୍ଥା ଉପରେ ଏବେ ମୋଟ ୫୮୯୦.୬୫ କୋଟି ଟଙ୍କା ଜଳକର ବକେୟା ରହିଛି।

### ବ୍ରାହ୍ମଣୀରୁ ସର୍ବାଧିକ ଜଳ ଉପଯୋଗ

ବକେୟା ଥିବା ଶିଳ୍ପସଂସ୍ଥାଙ୍କ ତାଲିକା ମଧ୍ୟରେ କେତେକ ବୃହତ ଶିଳ୍ପସଂସ୍ଥାଙ୍କ ନାମ ରହିଛି। ସେମାନଙ୍କ ମଧ୍ୟରେ ଜୟପୁରସ୍ଥିତ ସେବା ପେପର ମିଲ ଉପରେ ସର୍ବାଧିକ ୧୫୦୮.୭୦ କୋଟି ଟଙ୍କା ବକେୟା ଥିବାବେଳେ ଚୌଦ୍ୱାରର ବଲ୍ଲାରପୁର ଉଦ୍ୟୋଗ ଉପରେ ୧୪୫୭ କୋଟି ଟଙ୍କା ଜଳକର ବାକି ଅଛି । ଏହି ଦୁଇ ଶିଳ୍ପ ସଂସ୍ଥା ଏବେ ବନ୍ଦ ପଡ଼ିଛି । ସେହିପରି ରାୟଗଡ଼ାର ଜେ.କେ. କାଗଜ ମିଲ୍ ଉପରେ ୪୮୯ କୋଟି ଟଙ୍କା ଓ ଆରତୀ ଷ୍ଟିଲ୍ ଲିମିଟେଡ୍ ଉପରେ ୩୦୩ କୋଟି ଟଙ୍କା , ଭୂଷଣ ପାୱାର ଆଣ୍ଡ ଇସ୍ପାତ ସଂସ୍ଥା ଉପରେ ୨୪୪ କୋଟି ଟଙ୍କା, ରାଠୀ ଇସ୍ପାତ ଓ ପାୱାର ଉପରେ ୨୩୧ କୋଟି ଟଙ୍କାରୁ ଅଧିକ ଜଳକର ବାକି ପଡ଼ିଛି ।

କେବଳ ଘରୋଇ ସଂସ୍ଥା ନୁହଁନ୍ତି, କେତେକ ସରକାରୀ ଉଦ୍ୟୋଗ ମଧ୍ୟ ଜଳକର ଖିଲାପକାରୀଙ୍କ ତାଲିକାରେ ରହିଛନ୍ତି । ବନହରପାଲିର ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ(ଓପିଜିସି) ଉପରେ ୧୧୮.୯୩ କୋଟି ଟଙ୍କାରୁ ଅଧିକ ବକେୟା ରହିଛି। ସେହିପରି କେନ୍ଦ୍ର ସରକାରଙ୍କ ଉଦ୍ୟୋଗ ଅନୁଗୁଳର ନାଲକୋ ଉପରେ ୮ଲକ୍ଷ ଓ ସୁନାବେଡ଼ା ହାଲ୍ ଉପରେ ୫୮ଲକ୍ଷ ଟଙ୍କାର ଜଳକର ବକେୟା ରହିଛି ।

ସବୁଠୁ ଉଦବେଗର କଥା ହେଉଛି, ଏହି ବକେୟା ତାଲିକାରେ ବିନ୍ଦାଲ ସ୍ପଞ୍ଜ, ସେବା ପେପର ମିଲ, ଓରିଏଣ୍ଟ କାଗଜ କଳ, ବଲ୍ଲାରପୁର ଉଦ୍ୟୋଗ ଏବଂ ରିଲାଏନ୍ସ ଉଦ୍ୟୋଗ ସଂସ୍ଥା ଭଳି କେତେକ ବନ୍ଦ ବା ଅଚଳ ଉତ୍ପାଦନ କେନ୍ଦ୍ରଗୁଡ଼ିକ ମଧ୍ୟ ସାମିଲ ଅଛନ୍ତି ।

ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା ଭଳି ନଦୀଗୁଡ଼ିକ ଓଡ଼ିଶାର ଶିଳ୍ପ ଅର୍ଥନୀତିର ଜୀବନରେଖା ଭାବେ ପରିଚିତ। କିନ୍ତୁ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ବ୍ରାହ୍ମଣୀ ଅବବାହିକାରୁ ସର୍ବାଧିକ ୫୩୫.୭୭୩ କ୍ୟୁସେକ୍ ଜଳ ଓ ମହାନଦୀ ଅବବାହିକାରୁ ୪୯୭.୧୬ କ୍ୟୁସେକ୍ ଜଳ ଶିଳ୍ପସଂସ୍ଥାମାନେ ବ୍ୟବହାର କରୁଛନ୍ତି। ବୈତରଣୀ ଅବବାହିକାରୁ ୫୧.୩୫୫ କ୍ୟୁସେକ୍ , ନାଗାବଳୀରୁ ୧୭.୧୨ କ୍ୟୁସେକ୍ , କୋଲାବରୁ ୧୩.୪୩୬ କ୍ୟୁସେକ୍ , ଇନ୍ଦ୍ରାବତୀରୁ ୨.୦୦ କ୍ୟୁସେକ୍ ଏବଂ ଋଷିକୁଲ୍ୟା ଅବବାହିକାରୁ ୧.୧୩୬ କ୍ୟୁସେକ୍ ଜଳ ବ୍ୟବହାର କରାଯାଉଛି ।

## ଶିକ୍ଷକ ବଦଳିରେ ସାଂସଦ ଓ ବିଧାୟକ କରିପାରିବେ ନାହିଁ ସୁପାରିସ

**କଟକ,୨୭।୧୧(କାର୍ତ୍ତିକ ସାହୁ)** ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ସାଂସଦ ଓ ବିଧାୟକ ସୁପାରିଶ କରିପାରିବେ ନାହିଁ। ଏଭଳି ସୁପାରିଶ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ହେବ। ତେଣୁ ରାଜ୍ୟ ସରକାରଙ୍କ ଚାକିରୀ ନିୟମାବଳି ଅନୁଯାୟୀ, ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏହି ସଂକ୍ରାନ୍ତିୟ ଏକାଧିକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୫ ମେ ୧୩ ତାରିଖରେ ଜାରି ନିର୍ଦ୍ଦେଶନାମାକୁ ଗୁରୁବାର ଖାରଜ କରିଦେଇଛନ୍ତି। ଏଥିସହ ଏହି ମାମଲାରେ ହାଇକୋର୍ଟ ଶିକ୍ଷକ ବଦଳି ଉପରେ ଗତ ଜୁଲାଇ ମାସରେ ଦେଇଥିବା ଅନ୍ତରୀଣ ରହିତାଦେଶ ଏବେ ସ୍ଥାୟୀ ହୋଇଯାଇଛି।



ତେବେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଶିକ୍ଷା ବର୍ଷ ଶେଷ ପରେ ସେମାନେ ନିଜର ପୂର୍ବ ସ୍କୁଲକୁ ଫେରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ରାଜ୍ୟରେ ଶିକ୍ଷକ ବଦଳି ପାଇଁ ୨୦୨୫ମେ ୧୩ରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏମ୍ପି, ଏମ୍ଏଲ୍ଏମାନେ ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବେ। ସେଇ ସୁପାରିଶ ଅନୁଯାୟୀ ଜିଲା ଶିକ୍ଷା ଅଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା।